# REGIONAL NEWS UNIT, AIR CUTTACK

## Evening Bulletin (6.45PM)

### 23 February - 2026

**************************************

## <u>ମୁଖ୍ୟ ସମ୍ବାଦ</u>

- ବିରୋଧୀଙ୍କ ହଟ୍ଟଗୋଳ ମଧ୍ୟରେ ଆଜି ବିଧାନସଭାରେ ୨୦୨୬-୨୭ ଆର୍ଥିକ ବର୍ଷର ବଜେଟ୍ ଅଟକଳ ଉପରେ ଆରମ୍ଭ ହୋଇଛି ସାଧାରଣ ଆଲୋଚନା

- ରାଜ୍ୟର ବିଭିନ୍ନ ବିଭାଗରେ ଖାଲି ପଡ଼ିଛି ୯୪ ହଜାର ୪୮୫ଟି ପଦବୀ; ଗୃହରେ ମୁଖ୍ୟମନ୍ତ୍ରୀଙ୍କ ସୂଚନା

- କୃତ୍ରିମ ବୁଦ୍ଧିମତା ଶିକ୍ଷା ସମେତ ଜୀବନର ପ୍ରତ୍ୟେକ କ୍ଷେତ୍ରକୁ ପରିବର୍ତ୍ତନ କରୁଛି; କହିଲେ କେନ୍ଦ୍ରଶିକ୍ଷା ମନ୍ତ୍ରୀ

ଏବଂ

- ପ୍ରଧାନମନ୍ତ୍ରୀ ଇ-ବସ୍ ସେବା ଯୋଜନାରେ ରାଜ୍ୟରେ ଚଳାଚଳ କରିବ ଆଉ ୪୦୦ ଇ-ବସ୍

Assembly

# ବିଧାନସଭା-ଇଣ୍ଟ୍ରୋ

ସପ୍ତଦଶ ବିଧାନସଭା ବଜେଟ୍ ଅଧିବେଶନ ଷଷ୍ଠ ଦିନର ଦ୍ୱିତୀୟାର୍ଦ୍ଧରେ ବିରୋଧୀଙ୍କ ହଟ୍ଟଗୋଳ ମଧ୍ୟରେ ଆଜି ଗୃହରେ ୨୦୨୬-୨୭ ବର୍ଷର  ବଜେଟ୍ ଅଟକଳ ଉପରେ ସାଧାରଣ ଆଲୋଚନା ଆରମ୍ଭ ହୋଇଛି। ଓଡ଼ିଶା ଭିଜନ ୨୦୩୬ ଓ ୨୦୪୭କୁ ସାକାର କରିବା ଲକ୍ଷ୍ୟରେ ବଜେଟ୍ ପ୍ରସ୍ତୁତ କରାଯାଇଛି। ଟେକ୍ସଟାଇଲ୍, ଫାର୍ମାସିଟ୍ୟୁକାଲ୍ସ ଏବଂ ସବୁଜ ଶକ୍ତିଭଳି ବିଭିନ୍ନ କ୍ଷେତ୍ରରେ ଓଡ଼ିଶାର ବଜେଟ୍ ନୂତନ ସମ୍ଭାବନା ସୃଷ୍ଟି କରିବାକୁ ଲକ୍ଷ୍ୟ ରଖିଛି। ଇଲେକଟ୍ରୋନିକ୍ସ, ଆଇ.ଟି., ରାଜ୍ୟ ଡାଟା ସେଣ୍ଟର ଏବଂ ଏ.ଆଇ. ମିଶନ ଭଳି କ୍ଷେତ୍ରରେ ନିବେଶ କରି ରାଜ୍ୟକୁ ଏକ ଟେକ୍ ହବ୍ ଭାବେ ଗଢ଼ିବା ପାଇଁ ସରକାର ଲକ୍ଷ୍ୟ ରଖିଛନ୍ତି ବୋଲି ଶାସକ ଦଳର ସଦସ୍ୟମାନେ ଆଲୋଚନାରେ ଭାଗ ନେଇ କହିଛନ୍ତି। ଆଲୋଚନାରେ ଶାସକ ଦଳର ସଦସ୍ୟ ଟଙ୍କଧର ତ୍ରିପାଠୀ, ମାନସ ଦତ୍ତ, ବିଭୂତି ଭୂଷଣ ପ୍ରଧାନ, ଦୁଷ୍ମନ୍ତ ସ୍ୱାଇଁ ଓ ସୀମାରାଣୀ ନାୟକ ଅଂଶଗ୍ରହଣ କରିଥିଲେ। ବିରୋଧୀ ବିଜେଡି ଓ କଂଗ୍ରେସ ଦଳର ସଦସ୍ୟମାନେ ବିଭିନ୍ନ ପ୍ରସଙ୍ଗକୁ ନେଇ ଗୃହ ମଧ୍ୟରେ ବିଶୃଙ୍ଖଳା ପରିସ୍ଥିତି ସୃଷ୍ଟି କରିଥିଲେ। ବିରୋଧୀଙ୍କ ହଟ୍ଟଗୋଳ ଯୋଗୁଁ ବାଚସ୍ପତି ସୁରମା ପାଢ଼ି ଗୃହକୁ ୫ଟା ୨୯ ମିନିଟ୍‌ରୁ ଆସନ୍ତାକାଲି ସାଢ଼େ ୧୦ଟା ପର୍ଯ୍ୟନ୍ତ ମୁଲତବୀ ରଖିଛନ୍ତି।

Desk

# ବିଧାନସଭା-୨

ରାଜ୍ୟରେ ବିଭିନ୍ନ ବିଭାଗରେ ୯୪ ହଜାର ୪୮୫ଟି ପଦପଦବୀ ଖାଲିପଡ଼ିଛି ବୋଲି ଆଜି ବିଧାନସଭାରେ ଏକ ପ୍ରଶ୍ନର ଲିଖିତ ଉତ୍ତରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ  କହିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗରେ ସର୍ବାଧିକ ୨୦ ହଜାର ୨୮୯ଟି ପଦବୀ ଖାଲି ପଡ଼ିଛି। ଗୃହ ବିଭାଗରେ ୧୬ ହଜାର ୩୨, ସ୍ୱାସ୍ଥ୍ୟ ବିଭାଗରେ ୧୦ ହଜାର ୪୫୭ଟି ପଦବୀ ଖାଲି ପଡ଼ିଛି।  ୨୦୨୪ ମସିହା ଜୁନ୍ ମାସରୁ ୨୦୨୬ ମସିହା ଫେବୃଆରୀ ୧୨ ତାରିଖ ମଧ୍ୟରେ ସରକାର ୩୯ ହଜାର ୫୦୫ ଜଣଙ୍କୁ ନିଯୁକ୍ତି ଦିଆଯାଇଛି ବୋଲି ଶ୍ରୀ ମାଝୀ କହିଛନ୍ତି।

ଅନ୍ୟ ଏକ ପ୍ରଶ୍ନରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ରାଜ୍ୟରେ ୪୨ଟି ଆଇ.ଏ.ଏସ୍., ୬୭ଟି ଆଇ.ପି.ଏସ୍. ଏବଂ ୬୬ଟି ଆଇ.ଏଫ୍.ଏସ୍. ପଦବୀ ଖାଲି ପଡ଼ିଛି। ଅନ୍ୟପକ୍ଷରେ ୩୩୦ଟି ଓ.ଏ.ଏସ୍ ଏବଂ ୧୪୬ଟି ଓ.ପି.ଏସ୍ ପଦବୀ ଖାଲି ପଡ଼ିଛି।

Desk

# ବିଧାନସଭା-୩

ରାଜ୍ୟରେ ୫ ହଜାର ୯୬୭ଟି ଡାକ୍ତରୀ ପଦବୀ ଖାଲି ପଡ଼ିଛି ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ କହିଛନ୍ତି। ବିଧାନସଭାରେ ଏକ ପ୍ରଶ୍ନର ଉତ୍ତର ଦେଇ ଶ୍ରୀ ମହାଲିଙ୍ଗ କହିଛନ୍ତି, ମୋଟ ୯ ହଜାର ୮୨୬ ଜଣ ଡାକ୍ତର କାର୍ଯ୍ୟରତ ରହିଛନ୍ତି। ଖାଲିଥିବା ସ୍ଥାନରେ ୧ ହଜାର ୨୨୪ ଜଣଙ୍କୁ ଚୁକ୍ତିଭିତ୍ତିକ, ୧୧୩ ଜଣଙ୍କୁ ଡି.ଏମ୍.ଏଫ୍., ୧୯ ଜଣଙ୍କୁ ଆଡହକ୍ ଓ ୪ ଜଣଙ୍କୁ କର୍ପସ ଫଣ୍ଡ ଜରିଆରେ ନିଯୁକ୍ତି ଦିଆଯାଇଛି। ରାଜ୍ୟରେ ୧ ହଜାର ଜନସଂଖ୍ୟାରେ ଜଣେ ଡାକ୍ତର ରହିବା ସ୍ଥାନରେ ୧ ହଜାର ୨୬୫ ଜଣଙ୍କ ପାଇଁ ଜଣେ ଡାକ୍ତର କାର୍ଯ୍ୟ କରୁଛନ୍ତି ବୋଲି ମନ୍ତ୍ରୀ ଗୃହକୁ ଅବଗତ କରାଇଛନ୍ତି।

Desk

## ନଡ୍ଡା–ଏମ୍ସ

କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଜଗତ ପ୍ରକାଶ ନଡ୍ଡା ଆଜି ଆଭାସୀ ମାଧ୍ୟମରେ ଭୁବନେଶ୍ୱରସ୍ଥିତ ଏମ୍ସରେ ଅତ୍ୟାଧୁନିକ ସ୍ୱାସ୍ଥ୍ୟ ସୁବିଧାର ଶୁଭାରମ୍ଭ କରିଛନ୍ତି। ପୂର୍ବ ଭାରତରେ ଉନ୍ନତ ସ୍ୱାସ୍ଥ୍ୟସେବାକୁ ସୁଦୃଢ଼ କରିବାରେ ଏହି ପଦକ୍ଷେପ ପ୍ରମୁଖ ମାଇଲଖୁଣ୍ଟ ସାବ୍ୟସ୍ତ ହେବ ବୋଲି ଶ୍ରୀ ନଡ୍ଡା ଆଶାବ୍ୟକ୍ତ କରିଛନ୍ତି। ଲିଭର ଟ୍ରାନ୍ସପ୍ଲାଣ୍ଟ ୟୁନିଟ୍ ଓ ରୋବୋଟିକ୍ ସର୍ଜରୀ ସିଷ୍ଟମ ରୋଗୀଙ୍କ ଉତ୍ତମ ଚିକିତ୍ସା ପାଇଁ ସହାୟ ହେବା ସହିତ ଲାଭଦାୟକ ହେବ ବୋଲି କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି।

Desk

## ସଡ଼କ ଦୁର୍ଘଟଣା– ସହାୟତା ରାଶି

ଝାରସୁଗୁଡ଼ାରେ ହୋଇଥିବା ସଡ଼କ ଦୁର୍ଘଟଣାରେ ଆହତ ପୁଲିସ କର୍ମଚାରୀଙ୍କ ଉତ୍ତମ ଚିକିତ୍ସା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ସମସ୍ତ ପଦକ୍ଷେପ ସୁନିଶ୍ଚିତ କରାଯାଇଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସମସ୍ତ ଆହତଙ୍କ ଆଶୁଆରୋଗ୍ୟ କାମନା କରିବା ସହ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୧ ଲକ୍ଷ ଟଙ୍କା ଲେଖାଏଁ ସହାୟତା ରାଶି ଘୋଷଣା କରିଛନ୍ତି ।

ଝାରସୁଗୁଡ଼ାରେ ଗତକାଲି ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୫ ଜଣ କର୍ତ୍ତବ୍ୟରତ ପୁଲିସ କର୍ମଚାରୀଙ୍କ ପ୍ରାଣହାନୀ ଘଟିଥିଲା । ଘଟଣାରେ ମୁଖ୍ୟମନ୍ତ୍ରୀ ପ୍ରତ୍ୟେକ ପୁଲିସ କର୍ମଚାରୀଙ୍କ ନିକଟତମ ଆତ୍ମୀୟଙ୍କ ପାଇଁ ୫ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପା ମୂଳକ ସହାୟତା ରାଶି ଘୋଷଣା କରିଥିଲେ ।

Kandhamal

## ମାଓବାଦୀ

କନ୍ଧମାଳ ଜିଲ୍ଲାରେ ଆଉ ପ୍ରାୟ ୩୦ ନକ୍ସଲ ସକ୍ରିୟ ରହିଛନ୍ତି ବୋଲି ଅତିରିକ୍ତ ପୁଲିସ ମହାନିର୍ଦ୍ଦେଶକ ସଞ୍ଜୀବ ପଣ୍ଡା କହିଛନ୍ତି । ରାଇକିଆ, ଦାରିଙ୍ଗିବାଡ଼ି ଓ କୋଟପାଡ଼ ଅଞ୍ଚଳରେ ଏହି ମାଓବାଦୀମାନେ ସକ୍ରିୟ ଅଛନ୍ତି । ଆସନ୍ତା ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ସମସ୍ତ ମାଓବାଦୀ ଆତ୍ମସମର୍ପଣ କରିବା ପାଇଁ ଶ୍ରୀ ପଣ୍ଡା ଆହ୍ୱାନ ଦେଇଛନ୍ତି । ଆତ୍ମସମର୍ପଣ କଲେ ସରକାରଙ୍କ ପକ୍ଷରୁ ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦିଆଯିବ । ନନ୍ଦାବାଲି ସଂରକ୍ଷିତ ଜଙ୍ଗଲରେ ପୁଲିସ ପକ୍ଷରୁ ତଲାସୀ ଅଭିଯାନ

ସମୟରେ ଦୁଇ ଜଣ ମାଓବାଦୀଙ୍କ ମୃତ୍ୟୁ ହୋଇଥିବା ଶ୍ରୀ ପଣ୍ଡା ସୂଚନା ଦେଇଛନ୍ତି ।

**- V/O –**

Desk

## ଧର୍ମେନ୍ଦ୍ର ପ୍ରଧାନ–

କୃତ୍ରିମ ବୁଦ୍ଧିମତା ଶିକ୍ଷା ସମେତ ଜୀବନର ପ୍ରତ୍ୟେକ କ୍ଷେତ୍ରକୁ ପରିବର୍ତ୍ତନ କରୁଛି ବୋଲି କେନ୍ଦ୍ରଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି । ନୂଆଦିଲ୍ଲୀଠାରେ କୃତ୍ରିମ ବୁଦ୍ଧିମତା–ଏ.ଆଇ. ଚାଳିତ 'ଟିଚର ଆପ୍-୨.୦'ର ଶୁଭାରମ୍ଭ କରି ଶ୍ରୀ ପ୍ରଧାନ କହିଛନ୍ତି, ଏହା ଦେଶରେ ଚାଲିଥିବା ଏ.ଆଇ. ବିପ୍ଳବର ନୂତନ ଗତି ପ୍ରଦାନ କରିବ । ସଠିକ୍ ଢଙ୍ଗରେ ଏହାର ବ୍ୟବହାର କରାଗଲେ କୃତ୍ରିମ ବୁଦ୍ଧିମତା ଶିକ୍ଷାରେ ବୈପ୍ଳବିକ ପରିବର୍ତ୍ତନ ଆସିବା ସହିତ ଶିକ୍ଷଣ ଫଳାଫଳ ଓ ନିୟୋଜିତତାରେ ବୃଦ୍ଧି ପରିଲକ୍ଷିତ ହେବ । ଜାତୀୟ ଶିକ୍ଷା ନୀତି-୨୦୨୦ରେ କୃତ୍ରିମ ବୁଦ୍ଧିମତା ଭଳି ପ୍ରଯୁକ୍ତିବିଦ୍ୟାର ସମ୍ଭାବନା ଉପରେ ଗୁରୁତ୍ୱାରୋପ କରାଯାଇଛି । ସ୍କୁଲ ଶିକ୍ଷକଙ୍କ ପାଇଁ ଏହି ଆପ୍ ସହଯୋଗୀ ହେବା ସହିତ ଶିକ୍ଷାଦାନକୁ ଅଧିକ ଆକର୍ଷଣୀୟ କରିବ ବୋଲି କେନ୍ଦ୍ରମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି ।

BBSR/R

## ଇ-ବସ୍ ଯୋଜନା

ସ୍ମାର୍ଟ ପରିବହନ ଓ ସ୍ଥାୟୀ ଭବିଷ୍ୟତ ସରକାରଙ୍କର ମୁଖ୍ୟ ଲକ୍ଷ୍ୟ ରହିଛି ବୋଲି ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ମହାପାତ୍ର

କହିଛନ୍ତି। ଏହି ପରିପ୍ରେକ୍ଷୀରେ ରାଜ୍ୟରେ ପି.ଏମ୍.ଇ–ବସ୍ ସେବା ଯୋଜନାରେ ଆଉ ୪୦୦ ଇ-ବସ୍ ଚଳାଚଳ କରିବ। ୨୦୨୬-୨୭ ଆର୍ଥିକ ବର୍ଷ ବଜେଟ୍‌ରେ ସହରାଞ୍ଚଳ ପରିବହନ ପାଇଁ ୪୨୧ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ରାଜ୍ୟରେ ଆମ ବସ୍ ସେବାରେ କଳେବର ବୃଦ୍ଧି ପାଇବା ସହିତ ସହରାଞ୍ଚଳରେ ଏହା ଅଧିକରୁ ଅଧିକ ଲୋକଙ୍କୁ ସେବା ଯୋଗାଇବ। ଏହି ପଦକ୍ଷେପ ମାଧ୍ୟମରେ ରାଜ୍ୟରେ ଇ-ବସ୍ ସେବା ଏବଂ ପ୍ରଯୁକ୍ତିବିଦ୍ୟା ଭିତ୍ତିକ ସାର୍ବଜନୀନ ପରିବହନ ବ୍ୟବସ୍ଥାକୁ ବ୍ୟାପକ କରାଯିବ ବୋଲି ମନ୍ତ୍ରୀ ଶ୍ରୀ ମହାପାତ୍ର କହିଛନ୍ତି। ରାଜ୍ୟ ସରକାର ୬୦୦ ଇ-ବସ୍ କିଣିବା ପାଇଁ ଲକ୍ଷ୍ୟ ରଖିଥିବା ଜଣାପଡ଼ିଛି।

Desk

## ପାରାଦ୍ୱୀପ- ସୁଇମିଂ ପୁଲ୍

ରାଜ୍ୟରେ କ୍ରୀଡ଼ା ଭିତ୍ତିଭୂମିର ବିକାଶ ଓ ତୃଣମୂଳସ୍ତରରେ ପ୍ରତିଭାଙ୍କୁ ଆଗକୁ ଆଣିବାକୁ ରାଜ୍ୟ ସରକାର ନିରନ୍ତର ପ୍ରୟାସ ଜାରି ରଖିଛନ୍ତି। ଏହିକ୍ରମରେ ପାରାଦ୍ୱୀପକୁ ପ୍ରମୁଖ କ୍ରୀଡ଼ା ହବ୍ ଭାବେ ଗଢ଼ିତୋଳିବାକୁ ପ୍ରକ୍ରିୟା ଆରମ୍ଭ ହୋଇଛି। ଶିଳ୍ପ, ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁଙ୍କ ପ୍ରସ୍ତାବ ପରେ କୁଜଙ୍ଗ ବ୍ଲକ ଉଦୟବଟରେ ଗ୍ୟାଲେରୀ ସହିତ ଏକ ବହୁମୁଖୀ ଇଣ୍ଡୋର ଷ୍ଟାଡିୟମ୍ ଏବଂ ୨୫ ମିଟର ବିଶିଷ୍ଟ ସୁଇମିଂ ପୁଲ୍ ନିର୍ମାଣ ପ୍ରସ୍ତାବକୁ କ୍ରୀଡ଼ା ଓ ଯୁବସେବା ବିଭାଗ ଅନୁମୋଦନ ପ୍ରଦାନ କରିଛନ୍ତି। ଗ୍ରାମରୁ କ୍ରୀଡ଼ାବିତ୍‌ଙ୍କ ପ୍ରତିଭାର ବିକାଶ ପାଇଁ ସରକାର ଉପଯୁକ୍ତ ମଞ୍ଚ ଯୋଗାଇ ଦେବେ। ରାଜ୍ୟ ସରକାରଙ୍କ

ସମୃଦ୍ଧ ଓଡ଼ିଶାର ସ୍ୱପ୍ନ ସାକାର କରିବା ଦିଗରେ ଏହି ପଦକ୍ଷେପ ଗୁରୁତ୍ୱପୂର୍ଣ୍ଣ ଭୂମିକା ହେବ ବୋଲି ଜଣାପଡ଼ିଛି ।

Baragarh

## ରାଷ୍ଟ୍ରୀୟ ଲୋକ ଅଦାଲତ

ବରଗଡ଼ ଜିଲ୍ଲା କୋର୍ଟ ସମେତ ପଦ୍ମପୁର, ସୋହେଲା, ବରପାଲି, ଭେଡେନ, ଅତାବିରା ଓ ବିଜେପୁର କୋର୍ଟ ପରିସରରେ ଆସନ୍ତା ମାର୍ଚ୍ଚ ୧୪ ତାରିଖରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବ । ଏହି ଲୋକ ଅଦାଲତରେ ଜନସାଧାରଣଙ୍କୁ ବିନାମୂଲ୍ୟରେ ଆଇନସେବା ଯୋଗାଇ ଦିଆଯିବ ବୋଲି ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ସୂଚନା ଦିଆଯାଇଛି । ସକାଳ ୧୦ଟାରୁ ଏହି ରାଷ୍ଟ୍ରୀୟ ଲୋକ ଅଦାଲତ ବରଗଡ଼ ଜିଲ୍ଲାର ବିଭିନ୍ନ କୋର୍ଟ ପରିସରରେ ଆରମ୍ଭ ହେବ । ଏଥିରେ ସମସ୍ତ ପ୍ରକାରର ବିଚାରାଧୀନ ମକଦ୍ଦମାର ଆପୋଷ ସମାଧାନ କରାଯିବ ବୋଲି ପ୍ରାଧିକରଣ ସଚିବ କହିଛନ୍ତି ।

Nayagarh

## ଓଡ଼ିଶା ଶ୍ରୀଅନ୍ନ ଯୋଜନା

ନୟାଗଡ଼ ଜିଲ୍ଲା କୃଷି ବିଭାଗ ଆନୁକୂଲ୍ୟରେ ଓଡ଼ଗାଁ ବ୍ଲକ ରୋହିବାଙ୍କ ଉଚ୍ଚବିଦ୍ୟାଳୟରେ 'ଓଡ଼ିଶା ଶ୍ରୀଅନ୍ନ' ଯୋଜନା ଖାଦ୍ୟ ମେଳା ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି । ଅଧିକ ପୁଷ୍ଟି ଯୋଗାଉଥିବା ମାଣ୍ଡିଆକୁ ଦୈନନ୍ଦୀନ ଖାଦ୍ୟ ଭାବେ ବ୍ୟବହାର କରିବାକୁ ଅତିଥିମାନେ ମତବ୍ୟକ୍ତ କରିଥିଲେ । ରାଜ୍ୟ ସରକାର ଶିଶୁ ବାଟିକାଠାରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ

ଛାତ୍ରଛାତ୍ରୀଙ୍କୁ ସପ୍ତାହରେ ୩ ଦିନ ମାଣ୍ଡିଆରେ ପ୍ରସ୍ତୁତ ଲଡ୍ଡୁକୁ ମଧ୍ୟାହ୍ନ ଭୋଜନରେ ସାମିଲ କରିଛନ୍ତି ବୋଲି କାର୍ଯ୍ୟକ୍ରମରେ ଯୋଗଦେଇ ବିଭାଗୀୟ ଅଧିକାରୀ କହିଛନ୍ତି।

Malkangiri

## ପରୀକ୍ଷା

ମାଲକାନଗିରି ଜିଲ୍ଲାର ସ୍ୱାଭିମାନ ଅଞ୍ଚଳରେ ଚଳିତ ବର୍ଷ ପ୍ରଥମଥର ପାଇଁ ଦଶମ ବାର୍ଷିକ ହାଇସ୍କୁଲ ପରୀକ୍ଷା କେନ୍ଦ୍ରରେ ୫ଟି ଉଚ୍ଚବିଦ୍ୟାଳୟରେ ପ୍ରାୟ ୯୭ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଉଛନ୍ତି। ପୂର୍ବରୁ ଏହି ଛାତ୍ରଛାତ୍ରୀମାନେ ୨୨ କିଲୋମିଟର ଚିତ୍ରକୋଣ୍ଡାଠାରେ ପରୀକ୍ଷା ଦେଉଥିଲେ।

Nayagarh

## ବୃଉଙ୍ଗ ଜଳସେଚନ

ନୟାଗଡ଼ ଜିଲ୍ଲାର ବୃଉଙ୍ଗ ଜଳସେଚନ ପ୍ରକଳ୍ପ କାର୍ଯ୍ୟ ପାଇଁ ଗ୍ରାମସଭା ଅନୁଷ୍ଠିତ ହୋଇଯାଇଛି। ପ୍ରକଳ୍ପ ପୂର୍ବରୁ କ୍ଷତିଗ୍ରସ୍ତ ତଥା ବିସ୍ଥାପିତ ହେବାକୁ ଥିବା ପରିବାରଙ୍କୁ ଜମି ଅଧିଗ୍ରହଣ, ପୁର୍ନବାସ ଓ ଥଇଥାନ ନିମନ୍ତେ ରହିଥିବା ସରକାରୀ ସୁବିଧା ସୁଯୋଗ ସମ୍ପର୍କରେ ଅବଗତ କରାଯାଇଛି। ସମୁଦାୟ ୪୧ଟି ଗ୍ରାମରେ ହେବାକୁ ଥିବା ଏହି ଗ୍ରାମସଭା ମଧ୍ୟରୁ ବର୍ତ୍ତମାନ ସୁଦ୍ଧା ୩୦ଟି ଗ୍ରାମରେ ଗ୍ରାମସଭା ଅନୁଷ୍ଠିତ ହୋଇଯାଇଛି।

BHK

## ବିହନ ବଣ୍ଟନ

ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ କୃଷି କାର୍ଯ୍ୟାଳୟରେ ରବି ଫସଲ ପାଇଁ ପୁରୁଷଣ୍ଡ ପଞ୍ଚାୟତର ଚାଷୀମାନଙ୍କୁ ଉନ୍ନତମାନର ବିହନ ବଣ୍ଟନ କାର୍ଯ୍ୟ ଅନୁଷ୍ଠିତ ହୋଇଯାଇଛି। ଗ୍ରାମ୍ୟ କୃଷି, କର୍ମଚାରୀ ଓ କୃଷକ ସାଥୀମାନେ ଯୋଗଦେଇ ଶତାଧିକ ଚାଷୀଙ୍କୁ ମୁଗ, ବିରି ଆଦି ବିହନ ବଣ୍ଟନ କରି ଏହାର ବ୍ୟବହାର ସମ୍ପର୍କରେ ପରାମର୍ଶ ଦେଇଥିଲେ।